ODISHA POLICE
STATE HEADQUARTERS
CUTTACK.

# ପ୍ରେସ୍ ନୋଟ୍

## ୬୯ ତମ ରାଜ୍ୟ ପୋଲିସ କ୍ରୀଡା ପ୍ରତିଯୋଗୀତା ଉଦ୍‌ଘାଟିତ

କଟକ ତା ୭.୧.୨୦୧୭ – ୬୯ ତମ ରାଜ୍ୟସ୍ତରୀୟ ପୋଲିସ କ୍ରୀଡା ପ୍ରତିଯୋଗୀତା ଆଜି ପୂର୍ବାହ୍ନରେ ବକ୍ସିବଜାରସ୍ଥିତ ରିଜର୍ଭ ପଡିଆଠାରେ ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶକ ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଅଛି । ଏହି ଉପଲକ୍ଷେ ଆୟୋଜିତ ଏକ ଚିତାକର୍ଷକ ମାର୍ଚ୍ଚପାଷ୍ଟରେ ମୁଖ୍ୟ ଅତିଥି ଡା. ଶର୍ମା ଅଭିବାଦନ ଗ୍ରହଣ କରିଥିଲେ । ଖେଳାଳୀ ମାନଙ୍କୁ ଖେଳୁଆଡ ମନୋଭାବ ସହ ପ୍ରତିଯୋଗୀତା ମାନଙ୍କରେ ଅଂଶଗ୍ରହଣ କରିବାକୁ ମୁଖ୍ୟ ଅତିଥି ଏହି ଅବସରରେ ପରାମର୍ଶ ଦେଇଥିଲେ ।

ଜିଲ୍ଲା ମାନଙ୍କରୁ ୩୨ ଟି ଦଳ, ବାଟାଲିୟନରୁ ୧୪ ଦଳ, ବେତାର ଏବଂ ରେଲୱ ପ୍ରତିଷ୍ଠାନରୁ ୨ ଦଳ ଓ କମିଶନରେଟ ପୋଲିସରୁ ୨ ଟି ଦଳକୁ ମିଶାଇ ସମୁଦାୟ ୫୦ ଟି ଦଳରୁ ମୋଟ ୯୧୪ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରୁଛନ୍ତି । ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ମଧ୍ୟରେ ୭୬୧ ଜଣ ପୁରୁଷ ଓ ୧୫୩ ଜଣ ମହିଳା ପ୍ରତିଯୋଗୀ ଥିବାବେଳେ ପୁରୁଷଙ୍କ ପାଇଁ ୨୩ ଟି ବିଭାଗ ଓ ମହିଳାଙ୍କ ପାଇଁ ୧୩ ଟି ବିଭାଗରେ ପ୍ରତିଯୋଗୀତା ଆୟୋଜିତ ହେବ । ଏହି ପ୍ରତିଯୋଗୀତା ଆସନ୍ତା ୧୦ ତାରିଖରେ ଉଦ୍‌ଯାପିତ ହେବ ।

ଆଜିର ଏହି ଉଦ୍‌ଘାଟନୀ ଉତ୍ସବରେ ଆୟୋଜନ କମିଟିର ସମ୍ପାଦକ ତଥା ଆଇ.ଜି. (SAP) ଶ୍ରୀ ସଞ୍ଜୀବ ପଣ୍ଡା, ପରିଚାଳକ ଶ୍ରୀ ସଂଜୀବ ଆରୋରାଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।